بِسۡمِ اللّٰہِ الرَّحۡمٰنِ الرَّحِیۡمِ

୯ ଅଗଷ୍ଟ ୨୦୨୪ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

ମରିସିଆ ଯୁଦ୍ଧର ଅବସ୍ଥା ଓ ଘଟଣାବଳୀର ଆଲୋଚନା ଏବଂ ବଙ୍ଗଳାଦେଶ ଓ ପାକିସ୍ତାନର ଅହେମଦି ତଥା ମଧ୍ୟପ୍ରାଚ୍ୟ (ଫିଲିସ୍ତିନ୍) ଦେଶର ମୁସଲମାନମାନଙ୍କ ପାଇଁ ଦୁଆ କରିବାକୁ ପ୍ରିୟ ହୁଜୁର ଅନଓ୍ୱର ଅ.ବଙ୍କର ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହା ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱରଅ.ବ କହିଲେ; ମରିସିଆ ଯୁଦ୍ଧ ସଂକ୍ରାନ୍ତରେ ଚର୍ଚ୍ଚା ଚାଲିଥିଲା । ଏହି ପରିପ୍ରେକ୍ଷୀରେ ଅବ୍ଦୁଲ୍ଲାଃ ବିନ୍ ଅବି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପ୍ରସଙ୍ଗରେ ଯେଉଁ ଅସତ୍ୟ କଥା କହିଥିଲା ଏବଂ କପଟତା ଅବଲମ୍ବନ କରିଥିଲା । ଏହି ଘଟଣାର ବିସ୍ତୃତ ବ୍ୟାଖ୍ୟା କରି ହଜରତ ମିର୍ଜା ବଶିର ଅହେମଦ ସାହେବ ସ୍ୱରଚିତ ପୁସ୍ତକ "ସିରତ୍ ଖାତମୁନ୍ ନବୀଇନ୍"ରେ ବର୍ଣ୍ଣନା କରନ୍ତି; ଯୁଦ୍ଧ ଶେଷ ହେବା ପରେ ହଜରତ ମୁହମ୍ମଦସ.ଅ କିଛିଦିନ ପର୍ଯ୍ୟନ୍ତ ମରିସିଆରେ ହିଁ ଅବସ୍ଥାନ କରିଥିଲେ । କିନ୍ତୁ ଏହି ରହଣୀ (ଅବଧି)ରେ ସେହି କପଟବିଶ୍ୱାସୀଙ୍କ ଦ୍ୱାରା ଏପରି ଅକଥନୀୟ ଘଟଣା ଘଟିଲା ଯାହା ଫଳରେ ସେଠାରେ ଉପସ୍ଥିତ ଦୁର୍ବଳ ମୁସଲମାନମାନଙ୍କ ମଧ୍ୟରେ ଗୃହଯୁଦ୍ଧ ହୋଇଯିବା ଆସନ୍ନ ପ୍ରାୟ ଥିଲା । **କିନ୍ତୁ ନବୀଶିରୋମଣୀ ସ.ଅଙ୍କର ବିଚକ୍ଷଣ ପାରଦର୍ଶୀତା ଓ ଆକର୍ଷଣୀୟ ପ୍ରଭାବ ଉକ୍ତ ଷଡ଼ଯନ୍ତ୍ରର ଭୟଙ୍କର ପରିଣାମରୁ ରକ୍ଷା କରିଦେଲା ।**

ଉକ୍ତ ଘଟଣା ଏପରି ଘଟିଥିଲା ଯେ, ହଜରତ ଉମର ର.ଅଙ୍କର ଜହ୍‌ଜାଃ ନାମକ ଜଣେ କ୍ରୀତଦାସ ମରିସିଆର ଏକ ନିର୍ଝରରୁ ଜଳ ସଂଗ୍ରହ କରିବାକୁ ଗଲେ ସଂଯୋଗ ବଶତଃ ସେହି ସମୟରେ ସନାନ୍ ନାମି ଆଉ ଜଣେ ବ୍ୟକ୍ତି ଯେ କି ଅନସାର୍‌ମାନଙ୍କ ମିତ୍ର ମଧ୍ୟରୁ ଥିଲା ଜଳ ସଂଗ୍ରହ କରିବାକୁ ସେଠାରେ ଆସି ପହଞ୍ଚିଲା । ସେ ଦୁହେଁ ମୂର୍ଖ ଓ ଉଦଣ୍ଡ ବ୍ୟକ୍ତି ଥିଲେ । ଅତଏବ ନିର୍ଝର ନିକଟରେ ସେ ଦୁହିଁଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଗଲା ଏବଂ ଜହ୍‌ଜାଃ (ଉତ୍ୟକ୍ତ ହୋଇ) ସନାନ୍‌କୁ ଏକ ମାଡ଼ ମାରିଦେଲେ । ଏଥିରେ ସନାନ୍ ଚିତ୍କାର କରି ଉଠିଲା କି ହେ ଅନସାର୍ ଦଳ! ମୋର ସାହାଯ୍ୟ କର । ଏହା ଦେଖି ଜହ୍‌ଜାଃ ମଧ୍ୟ ପ୍ରବାସକାରୀଙ୍କୁ ନିଜ ସାହାଯ୍ୟ ନିମନ୍ତେ ଡ଼ାକରା ଦେଲେ । ଯେଉଁ ଅନସାର୍ ଓ ପ୍ରବାସକାରୀଙ୍କ କାନରେ ଏକଥା ପଡ଼ିଲା ସେମାନେ ଖଣ୍ଡା ଧରି ନିର୍ଝର ଆଡ଼କୁ ଦୌଡ଼ିଲେ ଏବଂ ଦେଖୁଦେଖୁ ସେଠାରେ ଏକ ମସ୍ତବଡ଼ ଭିଡ଼ (ଜଟିଳ ପରିସ୍ଥିତ ଉତ୍ପନ୍ନ) ହୋଇଗଲା । ଏହା ଆସନ୍ନ ପ୍ରାୟ ଥିଲା ଯେ, ଉଭୟ ଦଳ ପରସ୍ପର ଉପରେ ଆକ୍ରମଣ କରି ଦେଇଥାନ୍ତେ । କିନ୍ତୁ ସେମାନଙ୍କ ମଧ୍ୟରେ କେତେକ ବୁଝାବଣା ରଖୁଥିବା ଲୋକ ପ୍ରବାସକାରୀ ଓ ଅନସାର୍‌ମାନଙ୍କୁ ପୃଥକ ପୃଥକ କରି, ମିମାଂସା କରାଇ ଦେଲେ । ଯେତେବେଳେ ହଜରତ ମୁହମ୍ମଦ ସ.ଅଙ୍କ

ନିକଟରେ ଏହି ଖବର ପହଞ୍ଚିଲା ଆପଣ ତାହାକୁ ମୁର୍ଖତା ପୂର୍ଣ୍ଣ ଆଚରଣ ଦର୍ଶାଇ ବିତୃଷ୍ଣା ଭାବ ପ୍ରକାଶ କଲେ । ଯେତେବେଳେ କପଟବିଶ୍ୱାସୀଙ୍କର ସରଦାର ଅବ୍ଦୁଲ୍ଲାଃ ବିନ୍ ଅବିକୁ ଏହାର ସୂଚନା ମିଳିଲା ସେତେବେଳେ ସେ ଉକ୍ତ ଘଟଣାକୁ ପୁନଶ୍ଚ ତେଜିବାକୁ ଚେଷ୍ଟା କଲା । ସେ ନିଜ ସାଥିମାନଙ୍କୁ ହୁଜୁର ସ.ଅଙ୍କ ବିରୋଧରେ ଉତ୍ତେଜିତ କଲା ଏବଂ ଏପରି ଉକ୍ତି କହିଦେଲା ଯେ, ଯେତେବେଳେ ଆମେ ମଦିନା ଫେରିବୁ ସେତେବେଳେ ସେଠାକାର ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ତାହାର ନିଚ୍ଚ (ଅପମାନିତ) ବ୍ୟକ୍ତି ଅଥବା ଦଳକୁ ସେଠାରୁ ବିତାଡ଼ିତ କରିଦେବ । ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଜଣେ ନିଷ୍ଠାବାନ ମୁସଲମାନ ବାଳକ ଜୈଦ୍ ବିନ୍ ଅରକମ୍ର.ଅ ଏକଥା ଶୁଣିଲେ ଏବଂ ସଙ୍ଗେସଙ୍ଗେ ଏହାର ସୂଚନା ନିଜ ଚଚାଙ୍କ ମାଧ୍ୟମରେ ହୁଜୁର ସ.ଅଙ୍କୁ ଦେଲେ । ଯେତେବେଳେ ହଜରତ ଉମର ର.ଅଙ୍କୁ ଏହି ଖବର ମିଳିଲା ସେ ଭୀଷଣ ରୂପେ କ୍ରୋଧିତ ହୋଇ ଉଠିଲେ ଏବଂ ସ୍ୱହସ୍ତରେ ଅବ୍ଦୁଲ୍ଲାଃ ବିନ୍ ଅବିକୁ ହତ୍ୟା କରିବାର ହୁଜୁର ସ.ଅଙ୍କୁ ଅନୁମତି ମାଗିଲେ । କିନ୍ତୁ ହୁଜୁରସ.ଅ ତାଙ୍କୁ ଶାନ୍ତ ରହିବାକୁ ଉପଦେଶ ଦେଲେ ଏବଂ ଅବ୍ଦୁଲ୍ଲାଃ ବିନ୍ ଅବି ଓ ତାହାର ସାଥିମାନଙ୍କୁ ଡ଼କାଇ, ଏହି ଘଟଣା ସମ୍ପର୍କରେ ପଚାରିଲେ । କିନ୍ତୁ ସେମାନେ ଶପଥ କରି କହିଦେଲେ ଯେ, ଆମେମାନେ ଏପରି କଥା କହି ନାହୁଁ । ସେଥିଅନ୍ତେ ହୁଜୁରସ.ଅ (ସେନାକୁ) ତତ୍କ୍ଷଣାତ ମଦିନା ଅଭିମୁଖେ ବାହାରିଯିବାକୁ ଆଦେଶ ଦେଲେ । ଅତଏବ ମୁସଲମାନ ସେନା ସେଠାରୁ ପ୍ରସ୍ଥାନ କଲା । ଏହି ଅବସରରେ ଉସେଦ୍ ବିନ୍ ହଜିର୍ର.ଅ ହୁଜୁର ସ.ଅଙ୍କୁ ଏମିତି ହଠାତ୍ ପ୍ରସ୍ଥାନ କରିବାର କାରଣ ପଚାରିଲେ । ପ୍ରତିଉତ୍ତରରେ ହୁଜୁରସ.ଅ କହିଲେ; କ'ଣ ତୁମେ ଅବ୍ଦୁଲ୍ଲାଃ ବିନ୍ ଅବିର କଥା ଶୁଣି ନାହଁ? ସେ ଉତ୍ତର ଦେଲେ ହେ ଅଲ୍ଲାଃଙ୍କ ରସୁଲସ.ଅ ! ହଁ, ମୁଁ ଶୁଣିଛି । ଯଦି ଆପଣ ଇଚ୍ଛା କରନ୍ତି ତେବେ ଅବ୍ଦୁଲ୍ଲାଃ ବିନ୍ ଅବିକୁ ସହରରୁ ବିତାଡ଼ିତ କରିଦେଇ ପାରନ୍ତି ।

ଯେତେବେଳେ ଅବ୍ଦୁଲ୍ଲାଃ ବିନ୍ ଅବିର ପୁତ୍ରକୁ ଏକଥା ଜ୍ଞାତ ହେଲା ସେତେବେଳେ ସେ ହୁଜୁର ସ.ଅଙ୍କୁ ନିବେଦନ କଲେ କି ହେ ଅଲ୍ଲାଃଙ୍କ ରସୁଲସ.ଅ ! ଆପଣ ମୋତେ ଆଦେଶ ଦିଅନ୍ତୁ ମୁଁ ସଙ୍ଗେସଙ୍ଗେ ନିଜ ପିତାଙ୍କ ମସ୍ତକ ଆପଣଙ୍କ ପବିତ୍ର ଚରଣେ ଆଣି ରଖିଦେବି । ନବୀଶ୍ରେଷ୍ଠ ହଜରତ ମୁହମ୍ମଦସ.ଅ କହିଲେ; ନା ମୁଁ ଏପରି କୌଣସି କଥା ଚିନ୍ତା କରିଛି ନା ଏପରି କରିବାକୁ କାହାରିକୁ ଆଦେଶ ଦେଇଛି । ହଁ ନିଶ୍ଚିତ ରୂପେ ଆମେ ତାହା ସହିତ ନମ୍ର ଆଚରଣ ପ୍ରଦର୍ଶନ କରିବୁ । **ଏହି ଯାତ୍ରା ଅବଧିରେ ହିଁ ହୁଜୁର ସ.ଅଙ୍କ ଉପରେ ଦୈବୀବାଣୀ ଅବତୀର୍ଣ୍ଣ ହେଲା, ଯେଉଁଥିରେ ଜୈଦ୍ ବିନ୍ ଅରକମ୍ ର.ଅଙ୍କ ଦେଇଥିବା ସାକ୍ଷ୍ୟର ସମର୍ଥନ କରାଗଲା ।**

ହଜରତ ମୁସଲେହ ମଉଦର.ଅ ଏସମସ୍ତ ଘଟଣାଚକ୍ର ପ୍ରସଙ୍ଗରେ କୁହନ୍ତି; ଯେତେବେଳେ ମୁସଲମାନ ସେନା ମଦିନାର ଉପକଣ୍ଠରେ ପହଞ୍ଚିଲା ସେତେବେଳେ ଅବ୍ଦୁଲ୍ଲାଃ ବିନ୍ ଅବିର ପୁତ୍ର ଆଗକୁ ବଢ଼ି ନିଜ ପିତାର ବାଟ ଜଗିଦେଲେ ଏବଂ କହିଲେ; ମୁଁ ତୁମକୁ ମଦିନାରେ ପ୍ରବେଶ କରିବାକୁ ଦେବି ନାହିଁ ଯେପର୍ଯ୍ୟନ୍ତ ତୁମେ ନିଜ କହିଥିବା (ମନ୍ଦ)କଥା ଯାହାକି ତୁମେ ହୁଜୁର ସ.ଅଙ୍କ ପ୍ରସଙ୍ଗରେ କହିଛ, ଓହରି ନଯାଇଛ । ତୁମେ ଯେଉଁ ମୁହଁରୁ କହିଛ କି ହୁଜୁରସ.ଅ ନିଚ୍ଚ ଓ ତୁମେ ମର୍ଯ୍ୟାଦା ସମ୍ପନ୍ନ ସେହି ମୁଖରୁ ତୁମକୁ କହିବାକୁ ହେବ ଯେ, ଈଶ୍ୱରଙ୍କ ଅବତାର ମୁହମ୍ମଦସ.ଅ ମର୍ଯ୍ୟାଦା ସମ୍ପନ୍ନ ଏବଂ ତୁମେ ନିଚ୍ଚ ଓ ଅପଦାର୍ଥ । ସେତେବେଳେ ଅବ୍ଦୁଲ୍ଲାଃ ବିନ୍ ଅବି ଭୟଭୀତ ଓ ଆଶ୍ଚର୍ଯ୍ୟ ଚକିତ ହୋଇଗଲା ଏବଂ କହିବାକୁ ଲାଗିଲା, ହେ ମୋର ପୁତ୍ର ! **ମୁଁ ତୁମ କଥାରେ ଏକମତ ମୁହମ୍ମଦସ.ଅ ହିଁ ମର୍ଯ୍ୟାଦା ସମ୍ପନ୍ନ (ଅବତାର) ଏବଂ ମୁଁ ଜଣେ ନିଚ୍ଚ ବ୍ୟକ୍ତି ।** ଏଥିରେ ଯୁବକ ଅବ୍ଦୁଲ୍ଲାଃ ନିଜ ପିତାକୁ ଛାଡ଼ିଦେଲେ ।

ଏହି ଯାତ୍ରାରେ ହଜରତ ମୁହମ୍ମଦ ସ.ଅଙ୍କ ଓଟ କେଉଁ ଆଡ଼େ ଚାଲିଯାଇ ଥିଲା, ଯାହାର ପତା ମିଳୁ ନଥିଲା । ଏଥିରେ କପଟବିଶ୍ୱାସୀଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ଆନନ୍ଦିତ ହୋଇ ଉଠିଲା ଏବଂ ଏକ ବୈଠକରେ କହିଲା; ମୁହମ୍ମଦ ସ.ଅଙ୍କୁ ତ ଭବିଷ୍ୟତର ବଡ଼ ବଡ଼ ଜ୍ଞାତ ହୋଇ ଯାଉଛି ତେବେ କ'ଣ ତାଙ୍କୁ ଏ ସାମାନ୍ୟ ଓଟ ସଂକ୍ରାନ୍ତରେ ସୂଚନା ମିଳୁ ନାହିଁ ? ମଜଲିସ୍ (ବୈଠକ)ରେ ଉପସ୍ଥିତ ଲୋକମାନେ ତାହାର ଏହି କଟାକ୍ଷ (ଉକ୍ତି) ଶୁଣିବା ମାତ୍ରେ ତାହାକୁ ନିଜ ଠାରୁ ଦୂରେଇ ଦେଲେ । ସେ ଯାଇ ହୁଜୁର ସ.ଅଙ୍କ ମଜଲିସ୍‌ରେ ପହଞ୍ଚିଲା । ସେତେବେଳେ ହୁଜୁରସ.ଅ କହିଲେ; ମୋ ଓଟ କେଉଁ ଆଡ଼େ ଚାଲି ଯାଇଥିବା ଘଟଣାରେ ଜଣେ ବ୍ୟକ୍ତି ହର୍ଷ ଉଲ୍ଲସିତ ହେଉଅଛି । ଜାଣିରଖ ଭବିଷ୍ୟତର ଖବର କେବଳ ଐଶ୍ୱର୍ଯ୍ୟମୟ ପ୍ରଭୁଙ୍କୁ ହିଁ ଜଣା । ଆଉ ସେ ମୋତେ ଉକ୍ତ ଓଟ ସଂକ୍ରାନ୍ତରେ ସୂଚିତ କରି ଦେଇଛନ୍ତି ଯେ, ସେ ଆମ ସମ୍ମୁଖରେ ଥିବା ଘାଟିରେ ଅଛି । **ଏଥିରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଆଚମ୍ବିତ ଓ ସ୍ତବ୍ଧ ହୋଇଗଲା ଏବଂ ନିଜ କଲାକର୍ମ ଯୋଗୁଁ ବହୁତ ଅନୁତାପ କଲା ।** ସେଥିଅନ୍ତେ ନିଜ ସାଥିମାନଙ୍କ ମଜଲିସ୍‌କୁ ଫେରି ଯାଇ କହିଲା; ମୁଁ ହୁଜୁର ସ.ଅଙ୍କ ପ୍ରସଙ୍ଗରେ ସନ୍ଦେହ ଘେରରେ ଥିଲି କିନ୍ତୁ ଆଜି ମୋର ସେ ସମସ୍ତ ସନ୍ଦେହ ଦୂର ହୋଇ ଯାଇଛି ଏବଂ ଆଜି ମୁଁ (ବାସ୍ତବରେ) ମୁସଲମାନ ହେଲି ।

ମହାମାନ୍ୟ ହୁଜୁର ଅନଓ୍ୱରଅ.ବ କହିଲେ; ଉକ୍ତ ଘଟଣାଚକ୍ର ସଂକ୍ରାନ୍ତରେ ଅତିରିକ୍ତ ବ୍ୟାଖ୍ୟା ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି । ବର୍ତ୍ତମାନ ମୁଁ ବଙ୍ଗଳାଦେଶର ସଙ୍କଟାପର୍ଣ୍ଣ ପରିସ୍ଥିତି ପ୍ରସଙ୍ଗରେ କିଛି କହିବାକୁ ଚାହୁଁଛି । ସେଠାରେ ପ୍ରଶାସନ ବିରୋଧରେ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା । ତେବେ ସେହି ସରକାର ତ ଭାଙ୍ଗିଗଲା କିନ୍ତୁ ଦେଶରେ ଅରାଜକତା ଏବେ ମଧ୍ୟ ଜାରି ରହିଛି । ଯଦିଚ ଗତକାଲି ଠାରୁ ଅବସ୍ଥା ସାମାନ୍ୟ ସୁଧୁରିଛି । ଏପରି ଉତ୍କଟ ପରିସ୍ଥିତିର ଫାଇଦା ଉଠାଇ ଜମାଅତ ବିରୋଧୀ ଦଳଗୁଡ଼ିକ ସଂଘବଦ୍ଧ ଭାବରେ ଜମାଅତକୁ କ୍ଷତି ପହଞ୍ଚାଇବା ଆରମ୍ଭ କରି ଦେଇଛନ୍ତି । ଆମର କେତେକ ମସଜିଦ୍‌ରେ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇ (ସାମଗ୍ରୀ) ନଷ୍ଟ କରି ଦେଇଛନ୍ତି । ଜାମିୟା ଅହେମଦିୟା ଓ ଜମାଅତୀୟ ଅଟ୍ଟାଳିକା ଗୁଡ଼ିକର ମଧ୍ୟ କ୍ଷୟକ୍ଷତି କରିବା ସହିତ ଆସବାବକୁ ଜାଳି ଦେଇଛନ୍ତି । ଅନେକ ଅହେମଦିଙ୍କୁ ଆଘାତ କରି ସେମାନଙ୍କ ଘରକୁ ଜାଳି ନଷ୍ଟ କରିଦେଇଛନ୍ତି । କେତେକ ଘର ସମ୍ପୂର୍ଣ୍ଣ ରୂପେ ଜାଳି ଦେଇ ଥିବାର ଖବର ମିଳିଛି । ସମଗ୍ର ଦେଶରେ ଅରାଜକତାର ବଜାର ଗରମ ରହିଛି ।

ଅହେମଦିମାନଙ୍କୁ ଉକ୍ତ ଅଞ୍ଚଳରେ ଜଲ୍‌ସା କରିବା ସମୟରେ ଦୁଇଥର କ୍ଷତି ସହ୍ୟ କରିବାକୁ ପଡ଼ିଥିଲା । କିନ୍ତୁ ସେମାନଙ୍କ ବିଶ୍ୱାସରେ କୌଣସି ପ୍ରକାର ଆଲୋଡ଼ନ (କମ୍ପନ) ସୃଷ୍ଟି ହୋଇ ନାହିଁ । ଅଲ୍ଲାଃତାଲାଙ୍କ କୃପାରୁ ସେମାନେ ନିଜ ବିଶ୍ୱାସରେ ଅଟଳ, ଅବିଚଳ ଓ ସୁଦୃଢ଼ ରହିଛନ୍ତି । ସେମାନେ କହିଲେ ଯେ, **ଅଲ୍ଲାଃତାଲାଙ୍କ ସକାଶେ ଆମେ ଏସମସ୍ତ ପ୍ରକାରର କଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ ଅଛୁ ।** ଅଲ୍ଲାଃତାଲା ଦୟା ଓ କୃପା କରନ୍ତୁ ଏବଂ ଅହେମଦିମାନଙ୍କୁ ନିଜ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ ତଥା ବିରୋଧୀମାନଙ୍କୁ କବଳିତ କରନ୍ତୁ । ଏହିପରି ପାକିସ୍ତାନର ଅହେମଦିମାନଙ୍କୁ ମଧ୍ୟ ନିଜ ଦୁଆରେ ସ୍ମରଣ ରଖିବେ ସେଠାରେ ବି ପୁନର୍ବାର ଉତ୍କଟପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହୋଇଗଲାଣି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ପ୍ରତ୍ୟେକ ପ୍ରକାରର ବିପତ୍ତିରୁ ସୁରକ୍ଷିତ ରଖନ୍ତୁ । ଆଜିକାଲି ମୌଲବୀ ଓ ସ୍ୱାର୍ଥପ୍ରିୟ ଲୋକମାନେ ଅହେମଦିମାନଙ୍କ ବିରୋଧରେ

ଅଧିକ ମୁଣ୍ଡଟେକି ଉଠିଲେଣି । ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ନାମରେ ସେମାନେ ସମସ୍ତ ପ୍ରକାର ଅନ୍ୟାୟ ଓ ଅତ୍ୟାଚାର ଚଳାଇଛନ୍ତି । ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ କବଳିତ କରନ୍ତୁ ।

ଫିଲିସ୍ତିନ୍‌ର ମୁସଲମାନମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ଅତ୍ୟାଚାରୀମାନଙ୍କୁ ଦମନ କରନ୍ତୁ ଏବଂ ସେହି କ୍ରୂରତା ପୂର୍ଣ୍ଣ ଅତ୍ୟାଚାର ଅନ୍ତ ଘଟୁ । ସାଧାରଣ ଭାବରେ ମଧ୍ୟ ସମଗ୍ର ମୁସଲମାନ ଦେଶମାନଙ୍କ ପାଇଁ ଦୁଆ କରିବେ । ଏମାନେ ପରସ୍ପରର ଯେଉଁ ଶୋଷଣ କରୁଛନ୍ତି, ସେଥିରେ ପୂର୍ଣ୍ଣଛେଦ ପଡୁ ଏବଂ ଏମାନେ ଅଲ୍ଲାଃତାଲାଙ୍କ ସହିତ ବାସ୍ତବିକ ସମ୍ପର୍କ ସ୍ଥାପନକାରୀ ହୁଅନ୍ତୁ । ଯୁଗାବତାରଙ୍କ ଆନୁଗତ୍ୟ ସ୍ୱୀକାର କରିନିଅନ୍ତୁ । କାରଣ ଏହା ହିଁ ସେମାନଙ୍କ ବଞ୍ଚି ରହିବା ଓ ମୁକ୍ତି ଲାଭ କରିବାର ଏକମାତ୍ର ପନ୍ଥା । ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଏବଂ ସେମାନଙ୍କ ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ।

ଶ୍ରୀମାନ ଡ଼ାଃ ଜକାଉର୍ ରହେମାନ୍ ସାହେବ ଶହିଦ୍ ସୁପୁତ୍ର ଶ୍ରୀମାନ ଚୌଧରୀ ଅବ୍ଦୁର୍ ରହେମାନ୍ ସାହେବ ଲାଲା ମୁସା ଜିଲା ଗୁଜୁରାଟ । ବିଗତ ଦିନ ଅର୍ଥାତ ଇଂଲଣ୍ଡର ଜଲ୍‌ସା ଅବଧିରେ ତାଙ୍କୁ ୫୩ବର୍ଷ ବୟସରେ ଶହିଦ୍ କରି ଦିଆଗଲା । ଇନ୍ନାଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ମୃତକ ଜଣକ ଅର୍ଥଦାନ କ୍ଷେତ୍ରରେ ସର୍ବଦା ଆଗରେ ରହୁଥିଲେ, ଜଣେ ମାନବ ସେବାକାରୀ, ଗରିବ ଓ ଅସହାୟ ରୋଗୀମାନଙ୍କର ମାଗଣାରେ ଚିକିତ୍ସାକାରୀ ବ୍ୟକ୍ତି ଥିଲେ । ମୃତକ ନିଜ ପଛରେ ପତ୍ନୀଙ୍କ ବ୍ୟତୀତ ଗୋଟିଏ ପୁତ୍ର ଓ ତିନୋଟି କନ୍ୟା ସନ୍ତାନ ଛାଡ଼ି ଯାଇଛନ୍ତି । ଦ୍ୱିତୀୟ ମୃତକ ଶ୍ରୀମତୀ ସଈଦାଃ ବଶିର୍ ସାହେବା ପତ୍ନୀ ଶ୍ରୀମାନ ମଲକ୍ ବଶିର୍ ସାହେବଙ୍କର ରହିଛି । ମୃତକ ମଲକ୍ ଗୁଲାମ୍ ଅହେମଦ୍ ସାହେବ ମୁରବି ସିଲ୍‌ସିଲା ଘାନାଙ୍କର ମାତା ଥିଲେ । କର୍ମକ୍ଷେତ୍ରରେ କାର୍ଯ୍ୟରତ ଥିବା ଯୋଗୁଁ ସେ ନିଜ ମାତାଙ୍କ ଅନ୍ତ୍ୟେଷ୍ଟିକ୍ରିୟାରେ ସାମିଲ ହୋଇପାରିଲେ ନାହିଁ । ମୃତକ ଜଣକ ତହେଜୁଦ୍ ପାଠକାରୀଣୀ, ନିୟମିତ ପାଞ୍ଚବେଳା ନମାଜ ପାଠକାରୀଣୀ, ଖିଲାଫତ୍ ସହିତ ନିଷ୍ଠା ଓ ବିଶ୍ୱସ୍ତତାର ସମ୍ପର୍କ ରକ୍ଷାକାରୀ, ଦୁଆକାରୀ, ଅଲ୍ଲାଃତାଲାଙ୍କ ନିୟତିରେ ରାଜି ଖୁସି ରହିବା ତଥା ପୁଣ୍ୟବନ୍ତା ମହିଳା ଥିଲେ । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଏମାନଙ୍କ ପାଇଁ କ୍ଷମା ଯାଚନା ଓ ବୈକୁଣ୍ଠରେ ତାଙ୍କର ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉୟ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a In Odia
9th August 2024